## ସଂକ୍ଷେପରେ

### ଜଳିଗଲା ୧୦ ବଖରା



ବଇଣ୍ଡା,୧।୩(ଡି.ଏନ.ଏ.): କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ ମୟୂରକାଟେଣି ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ନାଥ ନାୟକ, ଲିଙ୍ଗରାଜ ନାୟକ, ଶ୍ରୀକାନ୍ତ ନାୟକ, ରମାକାନ୍ତ ନାୟକ, ଶ୍ରୀବତ୍ସ ନାୟକ, ଅଞ୍ଜନା ପାତ୍ରଙ୍କ ୧୦ ବଖରା ସହ ୩ଟି ଗୁହାଳ ଜଳିଯାଇଛି। ସକାଳେ ସେମାନଙ୍କ ଘର ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରୁ ନିଆଁ ପଡ଼ି ଲିଙ୍ଗରାଜଙ୍କ ଘର ଜଳିଥିଲା। ପରେ ଏହି ନିଆଁ ଘରକୁ ଘର ବ୍ୟାପି ଯାଇଥିଲା। ଅଗ୍ନିକାଣ୍ଡରେ ସମସ୍ତ ଆସବାବପତ୍ର ସହ ବର୍ଷ ତମାମ ପାଇଁ ସଞ୍ଚିତ ରଖିଥିବା ଚାଉଳ, ଡାଲି, ମୁଗ, ବିରି, ସହ ଟଙ୍କା, ସୁନା ଗହଣା, ପିନ୍ଧା ବସ୍ତ୍ର ସହ ଜଳିଯାଇଛି। ଖବରପାଇ ବାମୁର ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜଳିଯାଇଥିବା ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତୁରନ୍ତ କ୍ଷତି ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ଡ୍ୟାମ୍ ହୁଡ଼ାରେ ନିଆଁ

ମାଧପୁର,୧।୩: ଆଠମଲ୍ଲିକ ବ୍ଲକ ମାଧପୁର ନିକଟ ମାନଜୋର ସେଚ ପ୍ରକଳ୍ପର ହୁଡ଼ାରେ ସୋମବାର ସନ୍ଧ୍ୟାରେ କେତେକ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଡ୍ୟାମର ପୂର୍ବଦିଗରୁ ମୁଖ୍ୟ କେନାଲ ପର୍ଯ୍ୟନ୍ତ ନିଆଁ ଲାଗି ହୁଡ଼ାରେ ଥିବା ସମସ୍ତ ଗଛଲତା



ନଷ୍ଟ ହୋଇଯାଇଛି। ଖବରପାଇ ମାଧପୁର ବନବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। କେତେଜଣ ପର୍ଯ୍ୟଟକ ଆଜି ଏହି ଡ୍ୟାମକୁ ଭୋଜି ପାଇଁ ଆସିଥିଲେ। ସେମାନଙ୍କ ମଧ୍ୟରୁ କେହି ଏପରି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ଡ୍ୟାମର ପଶ୍ଚିମ ଦିଗରେ କେହି ଦୁର୍ବୃତ୍ତ ଏମିତି ନିଆଁ ଲଗେଇ ଦେବାରୁ ଡ୍ୟାମ ଅଞ୍ଚଳରେ ତାର ପୋଡି ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା। ତେଣୁ ଭୋଜି ପାଇଁ ଆସୁଥିବା ପର୍ଯ୍ୟଟକଙ୍କ ଉପରେ ପୋଲିସ ତରଫରୁ ନଜର ରଖିବା ପାଇଁ ସାଧାରଣରେ ଦାବି ହେଉଛି।

### ଜଣେ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧।୩: ଅନୁଗୋଳ ଜିଲାରୁ ସୋମବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨ ହଜାର ୩୫୬୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତ ଜଣଙ୍କ ତାଳଚେର ବ୍ଲକ ଅଞ୍ଚଳର। ଅନ୍ୟପକ୍ଷରେ ଜିଲାରୁ ୨ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ମହାରାଷ୍ଟ୍ରରୁ ଆସି ସାକ୍ଷ୍ୟ ଦେଲେ ଶିକ୍ଷକ

ଅନୁଗୋଳ ଅଫିସ, ୧।୩: ୨୦୧୯ ଜୁଲାଇ ୨୧ରେ ଅନୁଗୋଳ ବସ୍‌ଷ୍ଟାଣ୍ଡସ୍ଥିତ ଆହାର କେନ୍ଦ୍ର ପଛପାଖରେ ଘଟିଥିବା ଏକ ନାବାଳିକା ବଳାତ୍କାର ଘଟଣାରେ ସାକ୍ଷ୍ୟ ଦେବାକୁ ମହାରାଷ୍ଟ୍ରରୁ ଜଣେ ଶିକ୍ଷକ ଅନୁଗୋଳ କୋର୍ଟରେ ପହଞ୍ଚିବା ସୋମବାର ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ମହାରାଷ୍ଟ୍ରର ସମ୍ପୃକ୍ତା ନାବାଳିକାଙ୍କୁ ଅମଲାପଡ଼ା ଅଞ୍ଚଳର ଶିବୁ ପଟ୍ଟନାୟକ ବଳାତ୍କାର କରିଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୫୫୨/୧୯ରେ ମାମଲା ରୁଜୁ କରି ଶିବୁଙ୍କୁ ଗିରଫ କରିଥିଲା। ଗତ ସେପ୍ଟେମ୍ବର ମାସରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ନାବାଳିକାଙ୍କ ବୟସ ସ୍ପଷ୍ଟ କରିବା ଜରୁରୀ ଥିବାରୁ ଅନୁଗୋଳ ପୋକ୍ସୋ କୋର୍ଟରେ ନାବାଳିକାଙ୍କ ଶିକ୍ଷକ ନାଗପୁରରୁ ଆସି ସାକ୍ଷ୍ୟ ଦେଇଥିବା କୋର୍ଟ ସୂତ୍ରରୁ ଜଣାପଡ଼ିଛି। ସେହିପରି କଟକ ବଡ଼ ମେଡିକାଲରେ ନାବାଳିକାଙ୍କୁ ଚିକିତ୍ସା କରିଥିବା ଡାକ୍ତର ଓ ମାମଲାର ତଦନ୍ତକାରୀ ଅଧିକାରୀଙ୍କ ବୟାନ ରେକର୍ଡ ପରେ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି। ଅନୁଗୋଳ ଜିଲା ଦୌରା ଜଜ୍ କମ୍ ପୋକ୍ସୋ ଅଦାଲତ ଜଜ୍ ପ୍ରଭାକର ଗଣ୍ଡିଆ ଏହି ମାମଲାର ବିଚାର କରୁଥିବାବେଳେ ସ୍ପେଶାଲ ପିପି ପୋକ୍ସୋ ସରୋଜ ପଟ୍ଟନାୟକ ପରିଚାଳନା କରୁଛନ୍ତି।

# ସୁରକ୍ଷାରେ 'ଡ୍ରୋନ୍' ସହାୟତା



- ଜଙ୍ଗଲ ନିଆଁ ଠାବ କରି ପଠାଉଛି ଫଟୋ
- ସଫଳତା ପାଉଛି ଢେଙ୍କାନାଳ ବନ ବିଭାଗ
- କପିଳାସ ଅଭୟାରଣ୍ୟ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା

ଢେଙ୍କାନାଳ ଅଫିସ,୧।୩

ଜଙ୍ଗଲ ନିଆଁ ରୋକିବାରେ ଡ୍ରୋନ୍ କରୁଛି ବଡ଼ ସହାୟତା। କେଉଁ ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି ତାହାର ଫଟୋ ଉଠାଇ ପଠାଉଛି ବନ ବିଭାଗ ନିକଟକୁ। ଫଳରେ ମାତ୍ର କିଛି ସମୟ ମଧ୍ୟରେ ବନ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିବା ସହ ଜଙ୍ଗଲ ସମ୍ପଦକୁ ସୁରକ୍ଷିତ କରିବାରେ ସଫଳ ହେଉଛନ୍ତି।

ଢେଙ୍କାନାଳ ସହରକୁ ଲାଗିଥିବା ପାଣି ଓହଳା ପାହାଡ ଜଙ୍ଗଲ ଓ ଚାରଖୋଲା ଜଙ୍ଗଲରେ ନିଆଁ ଲାଗିଥିବା ସ୍ଥାନକୁ ଚିହ୍ନଟ କରିବା ପାଇଁ ବନ ବିଭାଗ ପକ୍ଷରୁ ଡ୍ରୋନ୍ କ୍ୟାମେରା ଉଡାଯାଉଛି। ଏଥିଯୋଗୁ କେଉଁ ସ୍ଥାନରେ ନିଆଁ ଲାଗିଛି ତାହା ଶୀଘ୍ର ଚିହ୍ନଟ କରାଯାଇପାରୁଛି। ଏପରି କି ଫଟୋ ପାଇବାର ମାତ୍ର ୧୦ ମିନିଟ ମଧ୍ୟରେ ନିଆଁ ଲିଭାଇବାର ଉଦ୍ୟମ ଆରମ୍ଭ କରାଯାଇପାରୁଛି। ଜଙ୍ଗଲ ସହ ଏହା ମଧ୍ୟରେ ରହୁଥିବା ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ପାଇଁ ଅଧିକରୁ ଅଧିକ ଡ୍ରୋନ୍ କ୍ୟାମେରାର ବ୍ୟବହାର କରାଯାଉଥିବା ସୂଚନା ମିଳିଛି। ସେହିପରି କପିଳାସ ଅଭୟାରଣ୍ୟରେ ଅଧିକାଂଶ ସମୟରେ ନିଆଁ ଲାଗୁଥିବାରୁ ସେଠାରେ ସ୍ୱତନ୍ତ୍ର ଭାବେ ନିଆଁକୁ ଆୟତ କରିବା ପାଇଁ ଥର୍ମାଲ ଇମେଜିଂ ବ୍ୟବସ୍ଥା ରହିଥିବା ଏକ ସ୍ୱତନ୍ତ୍ର ଡ୍ରୋନ୍ କ୍ୟାମେରା ଆଣିବା ପାଇଁ ବନବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ମେଘୁଆ ପାଗ, କୁହୁଡି କିମ୍ବା ଧୂଆଁ ଥିଲେ ମଧ୍ୟ ଏହି ସ୍ୱତନ୍ତ୍ର କ୍ୟାମେରା ନିଆଁ ଲାଗିବା ସ୍ଥାନର ଫଟୋ ଅତି ପରିଷ୍କାର ଭାବେ ଉଠାଇପାରିବ। ଏହାର ବ୍ୟବହାର ପାଇଁ ବନ କର୍ମଚାରୀଙ୍କୁ ମଧ୍ୟ ତାଲିମ ପ୍ରଦାନ କରାଯାଉଛି। ସେହିପରି ବର୍ତ୍ତମାନ ସାଟେଲାଇଟ ଫଟୋଚିତ୍ରକୁ ନେଇ ନିଆଁ ଲାଗିବା ସ୍ଥାନକୁ ଚିହ୍ନଟ କରାଯାଉଛି। ଜଙ୍ଗଲ ନିଆଁ ରୋକିବା ପାଇଁ ଜିଲାରେ ଥିବା ୮୦ ଜଣ ସଦସ୍ୟଙ୍କୁ ତାଲିମ ଦିଆଯାଇଛି। ଗତ ୩ଦିନ ହେବ ଢେଙ୍କାନାଳ ସହରର ଚାରଖୋଲା ସଂରକ୍ଷିତ ଜଙ୍ଗଲ ଓ ପାଣି ଓହଳା ପାହାଡ ଜଙ୍ଗଲରେ ଲଗାତର ନିଆଁ ଲାଗୁଥିବା ଦେଖାଯାଇଛି। ତଥାପି ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରୁଛନ୍ତି।

### ଶୁଖିଲା ପତ୍ର ସଫା କରାଯାଉ



ଖରାଦିନ ଆସିଲେ ଜଙ୍ଗଲ ଶୁଖିଲା ପତ୍ରରେ ଭରିଯାଏ। ବନ କର୍ମଚାରୀମାନେ ତଳେ ପଡିଥିବା ପତ୍ରଗୁଡିକୁ ସଫା କରିବା ବ୍ୟବସ୍ଥା କରାଇପାରିଲେ ନିଆଁ ଅଧିକ ବ୍ୟାପନ୍ତା ନାହିଁ। ବର୍ତ୍ତମାନ ସାଟେଲାଇଟ ଫଟୋରେ ଚିହ୍ନଟ କରି ନିଆଁ ଲାଗିଥିବ ସ୍ଥାନ ଠାବ କରାଯାଇପାରୁଛି। ସେହିପରି ଡ୍ରୋନ୍ କ୍ୟାମେରାରେ ମଧ୍ୟ ଏହାକୁ ଜାଣିହେବ।

-ପ୍ରଦ୍ୟୁମ୍ନ ରଥ, ପରିବେଶବିତ୍

### ପ୍ରକୃତି ସୁରକ୍ଷା ଜରୁରୀ



ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରାଯିବା ଜରୁରୀ। ପ୍ରକୃତି ବଞ୍ଚିଲେ ଜୀବଜଗତ ସୁରକ୍ଷିତ ହୋଇପାରିବ। ଏଥିପାଇଁ ଜନସାଧାରଣଙ୍କୁ ସଚେତନ କରାଯିବା ଜରୁରୀ। ଜଙ୍ଗଲ, ପାହାଡ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରକୃତି ପାଇଁ କେତେ ଉପାଦେୟ ତାହା ସମସ୍ତେ ଜାଣିବା ଉଚିତ। ମିଳିତ ପ୍ରୟାସ ରହିଲେ ନିଆଁ ଦାଉରୁ ପ୍ରକୃତିକୁ ରକ୍ଷା କରିହେବ।

-ପ୍ରଦ୍ୟୁମ୍ନ ପଣ୍ଡା, ସାମାଜିକ କର୍ମୀ

### ଘଣ୍ଟାଏ ବ୍ୟବଧାନରେ ଡ୍ରୋନ୍ ଉଡ଼ାଯାଉଛି



ନିଆଁକୁ ଆୟତ କରିବା ପାଇଁ ସାଟେଲାଇଟ୍ ମାଧ୍ୟମରେ ଫଟୋ ଆମେ ପାଉଛୁ। ଏତଦ୍‌ବ୍ୟତୀତ ପାଣିଓହଳା ଜଙ୍ଗଲ, ପାହାଡ ଓ ଚାରଖୋଲା ଜଙ୍ଗଲରେ ନିଆଁ ଧରୁଥିବା ସ୍ଥାନ ଚିହ୍ନଟ ପାଇଁ ଦିନକୁ ୧ଘଣ୍ଟା ଲେଖାଏ ବ୍ୟବଧାନରେ ମାନୁଆଲ ଡ୍ରୋନ୍ କ୍ୟାମେରା ଉଡାଯାଉଛି। କପିଳାସ ଅଭୟାରଣ୍ୟକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଥର୍ମାଲ ଇମେଜିଂ ବ୍ୟବସ୍ଥା ଥିବା ଏକ ସ୍ୱତନ୍ତ୍ର ଡ୍ରୋନ୍ କ୍ୟାମେରା ଅଣାଯିବା। ବନ ସୁରକ୍ଷା ସମିତି ଓ ଅଞ୍ଚଳବାସୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛୁ।

-ଡା. ପ୍ରକାଶଚାନ୍ଦ ଗୋଗିନେନି, ଜିଲା ବନଖଣ୍ଡ ଅଧିକାରୀ

# ସ୍ଥିତି ବଜାୟ ରଖିବାକୁ ଆହ୍ୱାନ




କରୋନା ସ୍ଥିତି ସମ୍ପର୍କିତ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଢେଙ୍କାନାଳ ଅଫିସ,୧।୩

ଢେଙ୍କାନାଳ ଜିଲାରେ କରୋନା ସ୍ଥିତି ସମୀକ୍ଷା ପାଇଁ ସୋମବାର ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର, ପୌରସଂସ୍ଥା ଓ ଏନ୍ଏସିର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ କରୋନା ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବାରୁ ଆଗାମୀ ଦିନରେ ଏହାକୁ ବଜାୟ ରଖିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। କେତେକ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଢେଙ୍କାନାଳ ଜିଲାକୁ ରାଜ୍ୟ ବାହାରୁ ଆସୁଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ୭ଦିନ ଆଇସୋଲେଶନରେ ରଖିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କୋଭିଡର କୌଣସି ଲକ୍ଷଣ ଦେଖାଦେଲେ ସେମାନଙ୍କ ଆଣ୍ଟିଜେନ୍ କିମ୍ବା ଆରଟିପିସିଆର ଟେଷ୍ଟ କରାଯିବ। କରୋନା ସଂକ୍ରମଣ ଯେପରି ଆଦୌ ବୃଦ୍ଧି ନ ହେବ ସେଥିପ୍ରତି ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ କର୍ମୀ, ୱାର୍ଡମେମ୍ବର, ସରପଞ୍ଚମାନେ ବିଶେଷ ଯତ୍ନବାନ ହୁଅନ୍ତୁ। ଲୋକମାନଙ୍କୁ ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ରକ୍ଷା ଓ ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳ ହେବା ନିମନ୍ତେ ସଚେତନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସେହିପରି ଅଧିକ ସଂଖ୍ୟାରେ ଟେଷ୍ଟ କରାଯିବା ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଥିଲେ। ଆସନ୍ତା ୨ ତାରିଖରୁ ଉପଖଣ୍ଡ ଚିକିତ୍ସାଳୟ ଏବଂ ୩ ତାରିଖଠାରୁ ବ୍ଲକସ୍ତରର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଟିକାକରଣ କରାଯିବ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ, ଆପାତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ ଓ ଡିପିଏମ୍ ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତ ଅନାମଙ୍କ ବୟାନ ରେକର୍ଡ

ଅନୁଗୋଳ ଅଫିସ, ୧।୩

ଅନୁଗୋଳର ବହୁ ଚର୍ଚ୍ଚିତ କାଙ୍ଗୁଲା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ଅଭିଯୁକ୍ତ ଅନାମ ଦେହୁରୀଙ୍କ ବୟାନ ସୋମବାର ରେକର୍ଡ କରାଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳର ଟ୍ରାଏଲ୍ କୋର୍ଟରେ ଏହି ବୟାନ ରେକର୍ଡ କରାଯାଇଥିବା ମାମଲା ପରିଚାଳନା କରୁଥିବା ସ୍ପେଶାଲ ପିପି ପୋକ୍ସୋ ସରୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି। ତେବେ ଏହି ବୟାନ ଅନୁଗୋଳ ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ପୋକ୍ସୋ କୋର୍ଟରେ ବିଚାରପତି ପ୍ରଭାକର ଗଣ୍ଡିଆଙ୍କ ଉପସ୍ଥିତିରେ ରେକର୍ଡ କରାଯାଇଥିବା ସ୍ପେଶାଲ ପିପି ପଟ୍ଟନାୟକ ସୂଚନା ଦେଇଛନ୍ତି।

# ପାଲା ବଞ୍ଚିଲେ ପରମ୍ପରା ବଞ୍ଚିବ



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ଭୁବନ,୧।୩(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ନିଖିଳୋତ୍କଳ ପାଲା ଗାୟକ ପରିଷଦ ପକ୍ଷରୁ ସୁରପ୍ରତାପପୁର ଗ୍ରାମରେ ସୋମବାର ୨୮ତମ ବାର୍ଷିକ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ପାଲା ଗାୟକମାନେ ଆମ ଓଡ଼ିଶାର କଳା ସଂସ୍କୃତିକୁ ବଞ୍ଚାଇ ରଖିଛନ୍ତି। ଓଡ଼ିଶାର ଲୋକକଳା ସମାଜକୁ ଦିଗଦର୍ଶନ ଦେଉଛି। କଳାକାର ଓ ପାଲା ବଞ୍ଚି ରହିଲେ ଆମର ଐତିହ୍ୟ ଓ ପରମ୍ପରା ବଞ୍ଚି ରହିବ ବୋଲି ପ୍ରକାଶ କରିଥିଲେ। ଭୁବନ ବ୍ଲକ ପାଲା ପରିଷଦର ସଭାପତି ଧ୍ରୁବଚରଣ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ, ଅତିଥିଭାବେ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଢେଙ୍କାନାଳ ଜିଲା ନିଖିଳୋତ୍କଳ ପାଲା ଗାୟକ ପରିଷଦ ସଭାପତି ରାମଚନ୍ଦ୍ର ଦାସ, ସମ୍ପାଦକ ଉଦୟ ପଟ୍ଟନାୟକ, ସରପଞ୍ଚ ମାମିନା ମାଝି, ସାମାଜିକ କର୍ମୀ ଭଜମନ ସାମଲ, ଶୁକଦେବ ରାଉତ ଯୋଗ ଦେଇଥିଲେ। ସୂରପ୍ରତାପପୁର ଗ୍ରାମର ସମସ୍ତ ବୁଦ୍ଧିଜୀବୀ, ଯୁବକମାନେ ସହଯୋଗ କରିଥିଲେ।

# ଅଧିକାରୀଙ୍କୁ ତାଲା ପକାଇଲେ ଚାଷୀ

କାମାକ୍ଷାନଗର,୧।୩(ଡି.ଏନ.ଏ.)

ଚାଷୀଙ୍କ ଧାନ ବିକ୍ରି ନ ହେବା ଓ ଟୋକନ କଟିଯିବା ପ୍ରତିବାଦରେ ସୋମବାର କାମାକ୍ଷାନଗର ବ୍ଲକ ତୁମିଁଶିଙ୍ଗା କୃଷି ସମବାୟ ସମିତି କାର୍ଯ୍ୟାଳୟକୁ ଚାଷୀମାନେ ଘେରାଉ କରିଥିଲେ। ଏଥିସହ ସମିତି ସମ୍ପାଦକ ଓ ଅନ୍ୟ କର୍ମଚାରୀଙ୍କୁ ଚାଷୀ ତାଲା ପକାଇ ଦେଇଥିଲେ। ଫଳରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଚାଷୀମାନେ କହିଛନ୍ତି, ସେମାନେ ଠିକ୍‌ରେ ଧାନ ବିକ୍ରି କରିପାରୁନାହାନ୍ତି। ତେଣୁ ବାଧ୍ୟ ହୋଇ ସମବାୟ ସମିତିକୁ ଘେରାଉ କରାଯାଇଛି। ଜାନୁୟାରୀ ମାସରୁ ଟୋକନ ପାଇଥିବା ଚାଷୀଙ୍କ ଧାନ ଯାଇପାରିନାହିଁ। ଫଳରେ ଚାଷୀମାନେ ନିଜ ଧାନ ବିକ୍ରିକୁ ନେଇ ସନ୍ଦେହରେ ଥିବା ପ୍ରକାଶ କରିଛନ୍ତି। ଏ ନେଇ ସମବାୟ ସମିତିର ସମ୍ପାଦକ କହିଛନ୍ତି, ସମସ୍ୟା ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଯାଇଛି। ଉପରୁ ଟାର୍ଗେଟ ଆସିଲେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ।

# କଦଳୀ ଚାଷୀ ଭଗବାନଙ୍କୁ ଜିଲାପାଳଙ୍କ ପ୍ରଶଂସା

ଅନୁଗୋଳ ଅଫିସ, ୧।୩




ସଫଳ କଦଳୀ ଚାଷୀ ଭଗବାନ।

ପ୍ରଶାସନ ସହାୟତାରେ ଉନ୍ନତମାନର କଦଳୀ ଚାଷ କରି ଲାଭବାନ ହୋଇଥିବା ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଶିଗଡ ପଞ୍ଚାୟତ ଟିମି ଗ୍ରାମର ପାଉଡିଭୂୟାଁ ଜନଜାତି ସମ୍ପ୍ରଦାୟର ଭଗବାନ ପ୍ରଧାନଙ୍କୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରଶଂସା କରିଛନ୍ତି। ଭଗବାନ ଅନ୍ୟଚାଷୀଙ୍କ ପାଇଁ ଉଦାହରଣ ପାଲଟିବେ ବୋଲି ଜିଲାପାଳ କହିଛନ୍ତି।

ପ୍ରକାଶ ଯେ, ଭଗବାନ ପ୍ରଥମେ କଦଳୀ ଚାଷ କରି ଲାଭବାନ ହୋଇପାରିବେ ବୋଲି ଆଶା ବାନ୍ଧିଥିଲେ। ତାଙ୍କ ଦମ୍ଭୋକ୍ତିକୁ ଦେଖି ପ୍ରଶାସନ ପକ୍ଷରୁ ପୂର୍ଣ୍ଣ ସହଯୋଗ କରାଯାଇଥିଲା। ଫଳରେ ସେ ଅଧ ଏକର ଜାଗାରେ ୫୮୦ ଜି-୯ ଟିସୁ କଲଚର କଦଳୀ ଚାଷ ଆରମ୍ଭ କରି ବେଶ୍ ସଫଳ ହୋଇପାରିଛନ୍ତି। ଗୋଟିଏ ଡଜନ କଦଳୀକୁ ସେ ସ୍ଥାନୀୟ ବଜାରରେ ୪୦ ଟଙ୍କାରେ ବିକ୍ରି କରୁଛନ୍ତି। ଗୋଟିଏ କାନ୍ଦିରୁ ତାଙ୍କୁ ପାଖାପାଖି ୩୦୦ ଟଙ୍କା ଲାଭ ମିଳୁଛି। ଆଗାମୀ ଏକ ବର୍ଷ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ବଗିଚାରୁ ପାଖାପାଖି ୧ଲକ୍ଷ ୩୦ ହଜାର ଟଙ୍କା ରୋଜଗାର କରି ବୋଲି ଭଗବାନ କହିଛନ୍ତି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଜୈବିକ ଓ ରାସାୟନିକ ସାର ଯୋଗାଇ ଦିଆଯାଇଥିବା ବେଳେ ପାଉଡିଭୂୟାଁ ଉନ୍ନୟନ ପରିଷଦ ଏବଂ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଛି। ପାଲଲହଡାର ଉପାନ୍ତ ଅଞ୍ଚଳର କଦଳୀ ଚାଷୀଙ୍କ ପାଇଁ ଭଗବାନ ପ୍ରେରଣାର ଉତ୍ସ ସାଜିଛନ୍ତି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। କଦଳୀ କିମ୍ବା ଅନ୍ୟ ଚାଷ ପ୍ରତି ଆଗ୍ରହୀ ଚାଷୀମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

# 'ନିୟମ ମାନିଲେ ଦୁର୍ଘଟଣା ରୋକାଯାଇପାରିବ'




ସଡକ ସୁରକ୍ଷା ସମ୍ପର୍କିତ କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଢେଙ୍କାନାଳ ଅଫିସ,୧।୩

ଢେଙ୍କାନାଳ ଲେଖକ ସଂସଦ ଭବନଠାରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା ମାସ ପାଳନ ଅବସରରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ ମାଝି, ଅନୁଷ୍ଠାନ ଉପସଭାପତି ଅନ୍ତର୍ଯ୍ୟାମୀ ରଥ, ସମ୍ମାନିତ ଅତିଥି ଭାବେ ରେଡ୍‌କ୍ରସ୍ ସୋସାଇଟି ଉପସଭାପତି ବିରଞ୍ଚି ନାରାୟଣ ପାଣି, ଲେଖକ ସଂସଦ ସମ୍ପାଦକ ବସନ୍ତ କୁମାର ପଟ୍ଟନାୟକ, ମିଳିତବଜାର କମିଟି ସଭାପତି ବିଶ୍ୱନାଥ ବେହେରା, ସାମାଜିକ କର୍ମୀ ସରୋଜ ଶତପଥୀ ଓ ଟ୍ରାଫିକ ଏଏସ୍‌ଆଇ ବିଚିତ୍ରାନନ୍ଦ କର ପ୍ରମୁଖ ଯୋଗଦେଇ ନିୟମ ମାନିଲେ ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଜଣା ଗାଡ଼ି ଧକ୍କାରେ ମୃତ ବ୍ୟକ୍ତିଙ୍କ ଉତ୍ତରାଧିକାରୀଙ୍କୁ ୨ଲକ୍ଷ ଟଙ୍କାର କ୍ଷତିପୂରଣ, ଗୁରୁତରଙ୍କୁ ୫୦ ହଜାର ଟଙ୍କା ସହାୟତା, ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରୁଥିବା ସ୍ୱେଚ୍ଛାସେବୀଙ୍କୁ ସରକାରଙ୍କ ତରଫରୁ ୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଥିଲେ। ଉପନିର୍ଦ୍ଦେଶକ ଗୋଲକ ବିହାରୀ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ହେଲପିଂହ୍ୟାଣ୍ଡ୍ ସୋସାଇଟି କର୍ମକର୍ତ୍ତା, ଗାଡି ଚାଳକ, ଯୁବଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଐରା ଅନୁଷ୍ଠାନର କର୍ମକର୍ତ୍ତା ସୀତାଂଶୁ ଶେଖର ପଣ୍ଡା, ରୁଦ୍ର ନାରାୟଣ ଷଡଙ୍ଗୀ, ସସ୍ମିତା ଜେନା, ଦ୍ୱାରିକା ମହାନ୍ତି, ମିନତୀ ପଣ୍ଡା, ଦୁର୍ଲଭ ସାମଲ, ମନ୍ମୟ ପାଣିଗ୍ରାହୀ, କୃଷ୍ଣ ମିଶ୍ର, ଦିଲୀପ ସାହୁ, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ପକ୍ଷରୁ ଗଣେଶବଜାର, ହନୁମାନ ବାଟିକା ଛକ, ବସଷ୍ଟାଣ୍ଡ ଓ ଲେଖକ ସଂସଦ ଭବନଠାରେ ଚକୁଳିଆ ପଣ୍ଡା ବେଶରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଇଥିଲା। ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଧନ୍ୟବାଦ ପରିଚାଳନା କରିଥିଲେ।

# ମଣ୍ଡି ବନ୍ଦ ପ୍ରତିବାଦରେ ରାସ୍ତାରୋକୋ

ଢେଙ୍କାନାଳ ଅଫିସ,୧।୩



ଧାନବସ୍ତା ରଖି ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ସେବା ସମବାୟ ସମିତି ମଣ୍ଡି ବନ୍ଦ ପ୍ରତିବାଦରେ ସୋମବାର ପୂର୍ବାହ୍ନ ସାଢ଼େ ୯ଟାରେ ୫ଟି ପଞ୍ଚାୟତର ଚାଷୀମାନେ କପିଳାସ-ଯୋରନ୍ଦା ରାସ୍ତାର କାଇମାଟି ଠାରେ ୫ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ଉତ୍ତେଜନା ଲାଗି ରହିବା ସହ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

ପ୍ରକାଶ ଯେ, ସଦର ବ୍ଲକର କାଇମାଟି, ନାଗିଆପଶି, ବେଲଟିକିରି, ଚାଉଳିଆ ଓ ସୋଗରପଶି ପଞ୍ଚାୟତକୁ ନେଇ ବେଲଟିକିରି ସେବା ସମବାୟ ସମିତିରେ ମଣ୍ଡି ହୋଇଥିଲା। ଚଳିତବର୍ଷ ଏହି ମଣ୍ଡିରୁ ୪୧ ହଜାର କୁଇଣ୍ଟାଲ ଧାନ ଉଠାଯିବାକୁ ଟାର୍ଗେଟ ଦିଆଯାଇଥିଲା। କିନ୍ତୁ ୨୦ ହଜାର କୁଇଣ୍ଟାଲ ଉଠାଯିବା ପରେ ଗତମାସ ୧୧ ତାରିଖରୁ ହଠାତ୍ ମଣ୍ଡିକୁ ବନ୍ଦ କରାଯାଇଥିଲା। ଏଥିଯୋଗୁ ଚାଷୀମାନଙ୍କ ହଜାର ହଜାର କୁଇଣ୍ଟାଲ ଧାନ ପଡିରହିଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲା ଯୋଗାଣ ବିଭାଗ, ସମବାୟ ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ରସ୍ତାକୁ ଓହ୍ଲାଇଥିଲେ। କାଇମାଟିଠାରେ ଧାନବସ୍ତା ରଖି ପ୍ରାୟ ୫ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଖବରପାଇ ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ତହସିଲଦାର ଲକ୍ଷ୍ମୀଧର ରାଉତ, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଜିଲା ଯୋଗାଣ ବିଭାଗ ଅଧିକାରୀ ନିରଦ ରଞ୍ଜନ ଦାସ ପ୍ରମୁଖ ପହଞ୍ଚି ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ସାଢେ ୨ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। କାଇମାଟି ଅଞ୍ଚଳର ଚାଷୀ ବିଷ୍ଣୁ ପ୍ରସାଦ ଦେହୁରୀ ଏବଂ ବେଲଟିକିରି ଅଞ୍ଚଳର ବଳଭଦ୍ର ସାମଲ କହିଛନ୍ତି, ଧାନ କାହିଁକି ଉଠି ପାରିଲାନି ଏବଂ ଏଥିପାଇଁ କିଏ ଦାୟୀ ସେ ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଜିଲା ଯୋଗାଣ ବିଭାଗ ଅଧିକାରୀ କହିଛନ୍ତି, ସମବାୟ ସମିତି ସମ୍ପାଦକ ବଡ଼ ସମସ୍ୟା ସୃଷ୍ଟି କରୁଥିଲେ। ବର୍ତ୍ତମାନ ଉକ୍ତ ମଣ୍ଡିରେ ଟାର୍ଗେଟ ଥିବା ଧାନ ମଙ୍ଗଳବାରଠାରୁ ଉଠାଯିବ। ଟାର୍ଗେଟ ବଢାଇବାକୁ ସରକାରଙ୍କୁ ଜଣାଇଛୁ ବୋଲି ଜିଲା ଯୋଗାଣ ବିଭାଗ ଅଧିକାରୀ ପ୍ରକାଶ କରିଛନ୍ତି।

ଧରିତ୍ରୀ DHARITRI
ମଙ୍ଗଳବାର, ୨ ମାର୍ଚ୍ଚ, ୨୦୨୧



## ସଂକ୍ଷେପରେ

### ପୁଅଙ୍କ କାଟି ଚୋଟରେ ବାପା ଗୁରୁତର

**ଢେଙ୍କାନାଳ ଅଫିସ,୧।୩:** ଢେଙ୍କାନାଳ ଜିଲା ସଦର ଥାନା ପାରିଖେଦା ଗ୍ରାମରେ ସୋମବାର ଚୈତନ୍ୟ ନାୟକଙ୍କୁ ତାଙ୍କ ପୁଅ ଲିଙ୍ଗା ନାୟକ କାତିରେ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ଚୈତନ୍ୟଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ପୁଅ ଲିଙ୍ଗା ନାୟକ, ବାପା ଚୈତନ୍ୟଙ୍କୁ କୌଣସି କାରଣ ପାଇଁ ରାତିରେ ଟଙ୍କା ମାଗିଥିଲେ। ବାପା ଟଙ୍କା ନ ଦେବାରୁ ଉତ୍ୟକ୍ତ ହୋଇ ଲିଙ୍ଗା ଏକ କାତିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୁକ୍ତ ପୁତ୍ର ଲିଙ୍ଗା ଫେରାର ହୋଇଯାଇଥିବା ଜଣାପଡିଛି। ଅଭିଯୋଗ ପାଇ ସଦର ଥାନା ପୋଲିସ ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ ୧୨୦।୨୧ରେ ଏକ ମାମଲା ରୁଜୁ କରାଯାଇଥିବା ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସୂଚନା ଦେଇଛନ୍ତି।

### ଦୁଇ ଶିକାରୀ ଗିରଫ

**ଢେଙ୍କାନାଳ ଅଫିସ,୧।୩:** ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟରୁ ସୋମବାର ଦୁଇଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୧ କେଜି ୩୫୦ ଗ୍ରାମ ଅଧାସିଝା ହରିଣ ମାଂସ, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଛୁରି, ଗୋଟିଏ ଧନୁ ଓ ୩ଟି ତୀର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଁଦିଆ ଥାନା ସୋରିଷିଆପଦା ପଞ୍ଚାୟତ ରାମେଇ ରଗଡିଆ ସାହିର ଜୟକୃଷ୍ଣ ମହନ୍ତ(୪୨) ଓ ଜଳଧର ଲୁହାର(୪୮)। କୌଣସି ସୂତ୍ରରୁ ଖବର ପାଇବା ପରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନିଙ୍କ ନିର୍ଦ୍ଦେଶରେ କପିଳାସ ରେଞ୍ଜର ଗୌତମ ପ୍ରଧାନ ଓ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇ ଶିକାରୀଙ୍କୁ ଗିରଫ କରିଥିଲେ।

### ୭ ବଖରା ଜଳିଗଲା



**ଖମାର,୧।୩:** ଖମାର ଥାନା ଅଲୋରୀ ପଞ୍ଚାୟତ ବୁରୁବୁରା ଗ୍ରାମ ଜୁଆଙ୍ଗ ସାହିରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୀନବନ୍ଧୁ ବେହେରାଙ୍କ ୩ ବଖରା ଓ ବିଭୁ ବେହେରାଙ୍କ ୪ ବଖରା ଘର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ପାଲଲହଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନଙ୍କୁ ସ୍ଥାନୀୟ ସ୍କୁଲରେ ଅସ୍ଥାୟୀ ଭାବେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଥିବା ପାଲଲହାଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ନାବାଳିକା ବିବାହ ରୋକିଲା ଚାଇଲ୍ଡ ଲାଇନ

**ଖମାର,୧।୩:** ତାଳଚେରରେ ଥିବା ଚିତ୍ରକୁଟ ମନ୍ଦିରରେ ଏକ ନାବାଳିକା ବିବାହକୁ ସୋମବାର ଅନୁଗୋଳ ଚାଇଲ୍ଡଲାଇନ ରୋକିଛି। ତାଳଚେର ଟାଉନର ଜଣେ ପୁଅଙ୍କ ସହ ଖମାର ଅଞ୍ଚଳର ନାବାଳିକାଙ୍କ ବିବାହ ସ୍ଥିର ହୋଇଥିଲା। ମନ୍ଦିରରେ ପୁଅ ଘର ଲୋକଙ୍କ ସହ ବନ୍ଧୁବାନ୍ଧବ ମଧ ଉପସ୍ଥିତ ଥିଲେ। ଖବରପାଇ ଆଇସିଡିଏସର ସୁପର ଭାଇଜର, ତାଳଚେର ଟାଉନ ଥାନା ପୋଲିସର ସହାୟତାରେ ପହଞ୍ଚି ବାହାଘରକୁ ରୋକିଥିଲେ। ପରେ ସେମାନଙ୍କୁ ବୁଝାଶୁଝା କରିବା ସହ ତାଗିଦ କରି ଏକ ଚୁକ୍ତିନାମା ଲେଖାଯିବା ପରେ ଝିଅର ମା'ବାପାଙ୍କୁ ତାଗିଦ କରି ଝିଅକୁ ତାଙ୍କ ଜିମା ଦେଇଥିଲେ।

### ବାଇକ୍- କାର୍ ଧକ୍କା

**କାମାକ୍ଷାନଗର,୧।୩(ଡି.ଏନ.ଏ.):** କଙ୍କଡାହାଡ଼ ଥାନା ଢୋଲଖମଣ ଛକ ନିକଟରେ ସୋମବାର ଏକ ବାଇକ ଓ କାର ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଚାଳକ ନୟାଗଡ ଅଞ୍ଚଳର ଦୀପକ ସାସମଲ ଗୁରୁତର ହୋଇଛନ୍ତି। ଦୀପକ ଏକ ବାଇକ ଯୋଗେ କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳରୁ ନିଜ ଘର ନୟାଗଡକୁ ଫେରୁଥିଲେ। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କଙ୍କଡାହାଡ଼ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ରୋଗ ପରୀକ୍ଷା ପରେ ଟିକା

**ଅନୁଗୋଳ ଅଫିସ, ୧।୩**

- ପ୍ରଥମ ଦିନରେ ନେଲେ ୯୮ ଜଣ
- ଅତିରିକ୍ତ ଜିଲାପାଳଙ୍କୁ ପ୍ରଥମ ଡୋଜ୍
- ବରିଷ୍ଠ ନାଗରିକଙ୍କ ମଧରେ ଉତ୍ସାହ



ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକାକରଣ କାର୍ଯ୍ୟକୁ ଜିଲାପାଳ ତଦାରଖ କରୁଛନ୍ତି।

ଅନୁଗୋଳ ଜିଲାରେ ବରିଷ୍ଠ ନାଗରିକଙ୍କ ଟିକାକରଣ ସୋମବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୯୮ ଜଣ ଟିକା ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ତଦାରଖ କରିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜିଲାର ସମସ୍ତ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବରିଷ୍ଠ ନାଗରିକମାନଙ୍କୁ ଟିକା ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଜାନୁୟାରୀ ୧୬ରୁ ଅନୁଗୋଳ ଜିଲାରେ କୋଭିଡ୍ ଟିକାକରଣ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଗଧାଡ଼ିର କରୋନା ଯୋଦ୍ଧାଙ୍କୁ ଟିକା ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଜିଲାର ମୋଟ ୧୧ ହଜାର ୮୯୬ ଜଣ ଟିକା ନେଇସାରିଛନ୍ତି। ତେବେ ବରିଷ୍ଠ ନାଗରିକଙ୍କ ଟିକାକରଣ ଆରମ୍ଭ ହୋଇଥିବାରୁ ଏହାକୁ ନେଇ ଜିଲାରେ ଉତ୍ସାହ ଦେଖାଦେଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ କିପରି ବରିଷ୍ଠ ନାଗରିକମାନଙ୍କୁ ଟିକା ସୁରୁଖୁରୁରେ ପ୍ରଦାନ କରାଯିବ ସେ ନେଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନରେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗ ଥିବା ଲୋକଙ୍କ ଆବଶ୍ୟକ ପରୀକ୍ଷା କରାଯାଇ ଟିକା ପ୍ରଦାନ କରାଯାଇଥିଲା। ଏଭଳି ରୋଗ ପରୀକ୍ଷା କରି ଟିକା ଦିଆଯିବା ରାଜ୍ୟରେ ପ୍ରଥମ ବୋଲି କୁହାଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ପ୍ରଥମେ ଟିକା ନେଇଥିଲେ। ଗତ ୧୭ ବର୍ଷ ଧରି ସେ ମଧୁମେହ ରୋଗରେ ପୀଡିତ ହେବା ସହ ହାର୍ଟରେ ଅସ୍ତ୍ରୋପଚାର କରାଯାଇଛି। ଏଭଳି ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଥାଇ ସେ ଏହି ଟିକା ଗ୍ରହଣ କରି ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟପକ୍ଷରେ ସରକାର ସ୍ଥିର କରିଥିବା ୨୦ଟି ରୋଗ ଥିବା ବ୍ୟକ୍ତିମାନେ ଟିକା ନେବା ପୂର୍ବରୁ ସରକାର ପ୍ରଦାନ କରିଥିବା ଏକ ଫର୍ମ ପୂରଣ କରିବେ। ଟିକା ନେବା ପରେ ଲୋକଙ୍କ ନିକଟରୁ ଏକ ଫର୍ମରେ ଅଣ୍ଡରଟେକିଂ ମଧ ରଖାଯାଉଛି। ସୂଚନାଯୋଗ୍ୟ, ଜିଲାରେ ପାଖାପାଖି ୧୩ ଲକ୍ଷ ଜନସଂଖ୍ୟା ଥିବାବେଳେ ସେମାନଙ୍କ ମଧ୍ୟରୁ ପାଖାପାଖି ୨ ଲକ୍ଷ ୨୦ ହଜାର ବରିଷ୍ଠ ଓ ୪୫ ବର୍ଷରୁ ୫୯ ବର୍ଷୀୟ ଲୋକଙ୍କୁ ଟିକାକରଣ କରାଯିବାର ଯୋଜନା ରହିଛି। ଜିଲାର ୯ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩୧ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୩ଟି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ଟିକା ପ୍ରଦାନ କରାଯିବ। ଏହି ପ୍ରକ୍ରିୟାରେ ପାଖାପାଖି ୮୮ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବାବେଳେ ଆବଶ୍ୟକସ୍ଥଳେ ଏହାକୁ ବୃଦ୍ଧି କରାଯିବାର ଯୋଜନା ସ୍ୱାସ୍ଥ୍ୟ ବିଭାଗ ରଖିଛି।

### କାଉନସେଲିଂ କରିବା ଆବଶ୍ୟକ



ଟିକାଦାନ ପୂର୍ବରୁ କାଉନସେଲିଂ କରାଯିବା ଆବଶ୍ୟକ। ଫଳରେ ବରିଷ୍ଠ ନାଗରିକଙ୍କ ମନରେ ଥିବା ଆଶଙ୍କା ଦୂର ହୋଇପାରିବ। ଏପରି କି ସରକାରଙ୍କ ପକ୍ଷରୁ ଏହାର ଅଧିକ ପ୍ରଚାର ପ୍ରସାର କରାଗଲେ ଅଧିକରୁ ଅଧିକ ସଂଖ୍ୟକ ବରିଷ୍ଠ ନାଗରିକ ଏଥିରେ ସାମିଲ ହୋଇପାରିବେ। ଫଳରେ ଜିଲାରେ କରୋନା ମହାମାରୀର ସଂକ୍ରମଣକୁ ରୋକାଯାଇପାରିବ।

-ଧରଣୀଧର ନାଥ, ବରିଷ୍ଠ ନାଗରିକ

### ମନରେ ଟିକେ ଭୟ ଥିଲା



ଟିକା ନେବାକୁ ଆସିବା ପୂର୍ବରୁ ମନରେ ଟିକେ ଭୟ ଥିଲା। କିନ୍ତୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସ୍ୱାସ୍ଥ୍ୟକର୍ମୀମାନେ କାଉନସେଲିଂ କରିବା ପରେ ସାହସ ଆସିଥିଲା। ଟିକା ନେବାର ଦୀର୍ଘ ସମୟ ପରେ ମଧ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ବରଂ ପୂର୍ବାପେକ୍ଷା ସ୍ୱାସ୍ଥ୍ୟ ଭଲ ଲାଗୁଛି। ଏ ନେଇ ଲୋକଙ୍କୁ ସଚେତନ କରାଯାଇ ପାରିଲେ ଟିକାକରଣ ପ୍ରକ୍ରିୟା ବୃଦ୍ଧି ପାଇବ।

-ଶାନ୍ତିଲତା ପ୍ରଧାନ, ବରିଷ୍ଠ ନାଗରିକ

### ଦୁଇ ଘଣ୍ଟା ପରେ ନେଲି



ଜିଲାରେ ବରିଷ୍ଠ ନାଗରିକଙ୍କ ପଞ୍ଜୀକରଣ ତାଲିକାରେ ପ୍ରଥମ ନାମ ଥିଲା। ମେଦବହୁଳ ରୋଗ ଥିବାରୁ ଏହା ପରୀକ୍ଷା କରିବାର ଦୁଇ ଘଣ୍ଟା ପରେ ଟିକା ଦିଆଯାଇଥିଲା। ଟିକାକୁ ନେଇ ସହରର ବିଭିନ୍ନ ସ୍ଥାନରେ ନାନା କଥା ଶୁଣାଯାଉଛି। କିନ୍ତୁ କାହାରି କଥାରେ ଭୟଭୀତ ହୋଇ ନ ଥିଲି। ଟିକା ନେବାକୁ ମନରେ ଉତ୍ସାହ ଥିଲା।

-ପ୍ରଶାନ୍ତ ବେହେରା, ଅନୁଗୋଳ

### କୌଣସି ସମସ୍ୟା ନାହିଁ



ଟିକା ନେବାକୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଯାଇଥିଲେ ମଧ ମନରୁ ଆଶଙ୍କା ଦୂର ହୋଇ ନ ଥିଲା। ତେବେ ମଧୁମେହ ରୋଗର ପରୀକ୍ଷା କରାଯିବା ପରେ ଟିକା ପ୍ରଦାନ କରାଯିବାରୁ ବିଶ୍ୱାସ ଆସିଥିଲା। ଏହି ଟିକା ନେବାରେ କୌଣସି ସମସ୍ୟା ନାହିଁ। ଲୋକମାନେ ସ୍ୱଇଚ୍ଛାରେ ଆଗେଇ ଆସିଲେ କରୋନା ଜିଲାରୁ ଦୂର ହୋଇପାରିବ।

-ଅଶୋକ କୁମାର ତ୍ରିପାଠୀ

### ପୁରୁଣା ରୋଗ ସମ୍ପର୍କରେ ପଚାରୁଛନ୍ତି



ଟିକାକରଣ ପାଇଁ ଆସିବା ମାତ୍ରେ ଡାକ୍ତରମାନେ ପୁରୁଣା ରୋଗ ସମ୍ପର୍କରେ ପଚାରି ବୁଝୁଛନ୍ତି। ଏହାଛଡ଼ା ଟିକା ନେବା ପରେ ଅଧଘଣ୍ଟା ଅପେକ୍ଷା କରିବାକୁ କହୁଛନ୍ତି। ଯଦି ଅସୁସ୍ଥ ଲାଗିଲା, ତୁରନ୍ତ ଏ ନେଇ ଅବଗତ କରିବାକୁ ମଧ ମେଡିକାଲ କର୍ମଚାରୀମାନେ ପରାମର୍ଶ ଦେଉଛନ୍ତି। ବିନା ଭୟରେ ଆସି ଟିକା ନେଇଥିବାରୁ ଖୁସି ଲାଗୁଛି।

-ଅମିତା ତ୍ରିପାଠୀ, ଅନୁଗୋଳ

### ସୁବିଧାକୁ ସାଧୁବାଦ



କରୋନା ସଂକ୍ରମଣରୁ ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷା ଦେବାକୁ ସରକାରଙ୍କ ପକ୍ଷରୁ କରାଯାଇଥିବା ସୁବିଧାକୁ ସାଧୁବାଦ୍। ଏହି ବ୍ୟବସ୍ଥାର ଲାଭ ବରିଷ୍ଠ ନାଗରିକମାନେ ନେବା ଆବଶ୍ୟକ। ଏହି ଟିକାକରଣ ଦ୍ୱାରା ଯଦି ରୋଗ ପ୍ରତିରୋଧ କ୍ଷମତା ବଢୁଛି, ତା'ହେଲେ ଟିକା ସମସ୍ତେ ନେବା ଆବଶ୍ୟକ।

-ଉମେଶ ଚନ୍ଦ୍ର ସାହୁ, ଅନୁଗୋଳ

### ଭୟ କରିବାରେ କିଛି ନାହିଁ



ଟିକା ନେବା ପୂର୍ବରୁ ଭୟ କରିବାର କିଛି ନାହିଁ। ପ୍ରଥମ ଦିନରେ ଜିଲାର ବହୁ ବରିଷ୍ଠ ନାଗରିକ ଟିକା ନେଇଛନ୍ତି। ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହା ଅଧିକରୁ ଅଧିକ ପ୍ରଦାନ କରାଯିବା ବ୍ୟବସ୍ଥା ହେଲେ ଗ୍ରାମାଞ୍ଚଳର ବରିଷ୍ଠ ନାଗରିକମାନେ ଉପକୃତ ହେବେ। ଏହି ଟିକା ନେବା ପପୂର୍ବରୁ ଡାକ୍ତର ବା ପାରା ମେଡିକାଲ ଷ୍ଟାଫ କାଉନସେଲିଂ କରିବା ଆବଶ୍ୟକ।

-ରୀତାରାଣୀ ମିଶ୍ର, ଅନୁଗୋଳ

# ଭାକ୍ସିନ ସହ ବରିଷ୍ଠଙ୍କୁ ଫୁଲ

**ଢେଙ୍କାନାଳ ଅଫିସ,୧।୩**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ବରିଷ୍ଠ ନାଗରିକଙ୍କ ପାଇଁ କୋଭିଡ୍ ଟିକା ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏହାର ଶୁଭାରମ୍ଭ କରିଥିଲେ। ଏସ୍‌ପି କେ. ଶିବା ସୁବ୍ରମଣି ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର ଉପସ୍ଥିତ ଥିଲେ। ଦିନକରେ ମୋଟ ୧୧୮ ଜଣ ଟିକା ନେଇଥିବା ବେଳେ ତନ୍ମଧ୍ୟରେ ୧୦୮ ବରିଷ୍ଠ ନାଗରିକ ଥିଲେ। ପ୍ରଥମେ ବରିଷ୍ଠ ନାଗରିକ ଭାବେ ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ ଟିକା ନେବା ପରେ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ମିଳିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା ଓ ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣିଙ୍କ ସମେତ ଅନ୍ୟ ବରିଷ୍ଠ ନାଗରିକମାନେ ଟିକା ନେଇଥିଲେ। ଏହାପରେ ବରିଷ୍ଠ ନାଗରିକମାନଙ୍କୁ ଜିଲାପାଳ ଗୋଲାପ ଫୁଲ ପ୍ରଦାନ କରି ସମ୍ମାନିତ କରିଥିଲେ। ଶେଷରେ ସ୍ୱାସ୍ଥ୍ୟ ବିଭାଗ, ପ୍ରଶାସନର ୧୦ ଜଣ କର୍ମଚାରୀଙ୍କୁ ଟିକା ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଟିକାକରଣ କାର୍ଯ୍ୟକ୍ରମ ଚାଲୁରହିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଥିଲେ।



ଜଣେ ବରିଷ୍ଠ ନାଗରିକଙ୍କୁ ଟିକା ପ୍ରଦାନ ପରେ ଜିଲାପାଳ ଫୁଲ ଦେଇ ସମ୍ମାନିତ କରୁଛନ୍ତି।

### କିଛି ଅସୁବିଧା ଲାଗୁନି



ବରିଷ୍ଠ ନାଗରିକଙ୍କୁ ପ୍ରାଥମିକତା ଭିତ୍ତିରେ କୋଭିଡ୍ ଟିକା ଦିଆଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଟିକା ନେବାପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ପୂର୍ବପରି ବୁଲାବୁଲି ସହ ସବୁ କାମ କରୁଛି। କୌଣସି ଅସୁବିଧା ହେଉଥିବା ଭଳି ଅନୁଭବ କରୁନାହିଁ।

-ବିଶ୍ୱନାଥ ବେହେରା, ସଭାପତି, ମିଳିତ ବଜାର ପୂଜା କମିଟି

### ସନ୍ଦେହ ନ କରି ଟିକା ନିଅନ୍ତୁ



ଅନ୍ୟ ଟିକା ପରି କୋଭିଡ୍ ଟିକା ନେବାରେ କିଛି ଅସୁବିଧା ନାହିଁ। ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଥିବା ଭଳି ଲାଗୁ ନାହିଁ। ମନରେ ତିଳେ ମାତ୍ର ସନ୍ଦେହ ନ ରଖି ସମସ୍ତ ବରିଷ୍ଠ ନାଗରିକ ଟିକା ନେବା ଉଚିତ। ଏହା ସେମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଜରୁରୀ।

-ପ୍ରସନ୍ନ ପଟ୍ଟନାୟକ, ସଭାପତି, ଜିଲା ସାମ୍ବାଦିକ ସଂଘ

### ଅନ୍ୟମାନଙ୍କୁ ସଚେତନ କରିବା ଉଚିତ



ମାତ୍ର ବର୍ଷକ ମଧରେ କୋଭିଡ୍ ପ୍ରତିଷେଧକ ନେବା ଏକ ସୁନ୍ଦର ଅନୁଭୂତି। ଏଭଳି ସୁଯୋଗକୁ ହାତଛଡା କରିବା ଉଚିତ ନୁହେଁ। ଟିକାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ବରିଷ୍ଠ ନାଗରିକମାନେ ଟିକା ନେବା ସହିତ ଅନ୍ୟମାନେ କିପରି ଟିକା ନେବେ ସେଥିପାଇଁ ସଚେତନ କରିବା ଉଚିତ।

-ବିରଞ୍ଚି ନାରାୟଣ ପାଣି, ଉପସଭାପତି ଜିଲା ରେଡ୍‌କ୍ରସ୍ ସୋସାଇଟି

# ସାଇ ଶ୍ରୀକ୍ଷେତ୍ର ପ୍ରତିଷ୍ଠା ଦିବସ

**ଢେଙ୍କାନାଳ ଅଫିସ,୧।୩**

ଢେଙ୍କାନାଳ ଶ୍ୟାମାଚରଣପୁରଠାରେ ସାଇ ଶ୍ରୀକ୍ଷେତ୍ରର ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ସୋମବାରଠାରୁ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ସକାଳ ସାଢେ ୭ଟାରେ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ କୁଞ୍ଜକାନ୍ତ ପୋଖରୀରୁ କଳସରେ ଜଳନେଇ ସାଇ ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ। ପରେ ଶୋଭାଯାତ୍ରା କାଲଟାକ୍ସ ଅଞ୍ଚଳକୁ ଯାଇଥିଲା। ମଙ୍ଗଳବାର କାଲଟାକ୍ସରୁ ପାଲିଙ୍କି ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ସାଇ ଶ୍ରୀକ୍ଷେତ୍ରରେ ପହଞ୍ଚିବ। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି।



ସାଇ ଶ୍ରୀକ୍ଷେତ୍ର ପ୍ରତିଷ୍ଠା ଦିବସ ଅବସରରେ କଳସ ଯାତ୍ରା।

## ଅସଦାଚରଣ ଅଭିଯୋଗ

**ହିନ୍ଦୋଳ,୧।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ସୋମବାର ଚେକ୍‌ଅପ୍ ପାଇଁ ଆସିଥିବା ଜଣେ ଗର୍ଭବତୀଙ୍କୁ ଅସଦାଚରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ପୂର୍ବାହ୍ନ ୧୧ଟାରେ ସମ୍ପର୍କୀୟାଙ୍କ ସହ ଗର୍ଭବତୀ ଜଣକ ଚେକ୍‌ଅପ୍ କରିବାକୁ ଆସିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ରକ୍ତ ପରୀକ୍ଷା ପାଇଁ ସେ ଜଣେ କର୍ମଚାରୀଙ୍କ ପାଖକୁ ଯାଇଥିଲେ। କିନ୍ତୁ କର୍ମଚାରୀ ଚନ୍ଦନ ବେହେରା ଅସଦାଚରଣ କରିବାରୁ ସେ ଏହାର ପ୍ରତିବାଦ ସହ ଧାରଣାରେ ବସିଥିଲେ। ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ଓ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଅନାଦି ଚରଣ ପଟ୍ଟାୟତ କହିଛନ୍ତି, ଅଭିଯୋଗ ପାଇବା ପରେ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

# ବାଇକ୍ ଶୋଭାଯାତ୍ରା ଦଳକୁ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ,୧।୩**



ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ବାଇକ ଶୋଭାଯାତ୍ରା ଦଳକୁ ସମ୍ବର୍ଦ୍ଧନା ଦିଆଯାଉଛି।

ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ବାଇକ ଶୋଭାଯାତ୍ରା ସୋମବାର ଢେଙ୍କାନାଳ ସହରରେ ପହଞ୍ଚିବା ପରେ ସେଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୃଷକମାନଙ୍କ ନ୍ୟାଯ୍ୟ ଦାବି ହାସଲ ପାଇଁ ଗତ ୨୮ ତାରିଖରୁ ସମ୍ବଲପୁରଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏହି ବାଇକ୍ ଶୋଭାଯାତ୍ରା ବାହାରିଛି। କୃଷକ ନେତା ଲିଙ୍ଗରାଜ ଓ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଆସିଥିବା ଶତାଧିକ ଚାଷୀ ଢେଙ୍କାନାଳ ସହରରେ ପହଞ୍ଚିବା ପରେ ବାଜି ରାଉତ ଶହୀଦ ସ୍ମୃତି ସ୍ତମ୍ଭ, ଆମ୍ବେଡକର ଓ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ କାଠଗଡାସ୍ଥିତ ଗାନ୍ଧୀ ଅଧ୍ୟୟନ କେନ୍ଦ୍ରଠାରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଢେଙ୍କାନାଳ ଜିଲାରେ ପ୍ରଗତିଶୀଳ ନାଗରିକ ମଞ୍ଚ, ସର୍ବୋଦୟ ମଣ୍ଡଳ, ବରିଷ୍ଠ ନାଗରିକ ମଞ୍ଚ, ମେହେରଲି ସେଣ୍ଟର, ଆମ୍ ଆଦମୀ ପାର୍ଟି, ନବନିର୍ମାଣ କୃଷକ ସଂଗଠନ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଆଦି ଅନୁଷ୍ଠାନ ପକ୍ଷରୁ ପଙ୍କଜ ନାୟକ, ପ୍ରଦୀପ କୁମାର ସାହୁ, ଅରବିନ୍ଦ ମିଶ୍ର, ବିପ୍ରବର ସାହୁ, ପ୍ରଦ୍ୟୁମ୍ନ ରଥ ପ୍ରମୁଖ ସହଯୋଗ କରିଥିଲେ।

# ବିଧାୟକଙ୍କ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ

**ଅନୁଗୋଳ ଅଫିସ, ୧।୩**

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ୭ ନମ୍ବର ଜିଲା ପରିଷଦ ଜୋନ୍ ସଦସ୍ୟ ଚିତ୍ତରଞ୍ଜନ କର୍ଣ୍ଣ। ବିଧାୟକଙ୍କ ମାତ୍ରାଧିକ ହସ୍ତକ୍ଷେପ ଯୋଗୁ ଉକ୍ତ ଜୋନ୍‌ରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସଦସ୍ୟ କର୍ଣ୍ଣ ଦର୍ଶାଇଛନ୍ତି। ଅଭିଯୋଗରେ କର୍ଣ୍ଣ ଉଲ୍ଲେଖ କରିଛନ୍ତି ଯେ, ୭ ନମ୍ବର ଜୋନର ଉନ୍ନୟନ କାର୍ଯ୍ୟ ପାଇଁ ଗତ ୨ ବର୍ଷ ହେବ ଅର୍ଥ ପଡ଼ିରହିଛି। କିନ୍ତୁ ବିଧାୟକ ପ୍ରତ୍ୟକ୍ଷ ଭାବେ ହସ୍ତକ୍ଷେପ କରୁଥିବାରୁ ଅଞ୍ଚଳର କୌଣସି ବିକାଶ କାର୍ଯ୍ୟ ହୋଇପାରୁ ନାହିଁ। ଏପରି କି ବ୍ଲକ ପ୍ରଶାସନ ମଧ ନାଚାର ହୋଇପଡ଼ିଛି। ଅଏଡା ସରପଞ୍ଚ, ସମିତିସଭ୍ୟ, ଆଠମଲ୍ଲିକ ପଞ୍ଚାୟତ ସମିତି ଉପାଧ୍ୟକ୍ଷାଙ୍କ ସହ ସେ ଆଠମଲ୍ଲିକ ଉପଜିଲାପାଳଙ୍କଠାରୁ ଆରମ୍ଭ କରି ରାଜ୍ୟ ପଞ୍ଚାୟତିରାଜ ବିଭାଗ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ତେଣୁ ୭ ଦିନ ମଧରେ ପଦକ୍ଷେପ ନିଆ ନ ଗଲେ ପଦରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିବା ଜିଲା ପରିଷଦ ସଦସ୍ୟ କର୍ଣ୍ଣ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ସମ୍ପର୍କରେ ବିଧାୟକ ସାଏ କହିଛନ୍ତି, ଆଠମଲ୍ଲିକର ଉନ୍ନତି ପାଇଁ ଉଦ୍ୟମ କରୁଛି। କୌଣସି ସ୍ଥାନରେ କିଛି ମାତ୍ରାଧିକ ହସ୍ତକ୍ଷେପ ରହିନାହିଁ। ଜିଲା ପରିଷଦ ସଦସ୍ୟ ବିଧାୟକ ପ୍ରାର୍ଥୀ ଆଶାୟୀ ହୋଇଥିବାରୁ ଏପରି ଏଣୁତେଣୁ କହୁଛନ୍ତି। ସମ୍ପୃକ୍ତ ସଦସ୍ୟ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବିଧାୟକ ସାଏ ପ୍ରକାଶ କରିଛନ୍ତି।

# କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣା

**ତାଳଚେର,୧।୩(ନି.ପ୍ର.)**





ଗଣଧାରଣାରେ ଉପସ୍ଥିତ ଏମ୍‌ପିଙ୍କ ସମେତ ଅନ୍ୟମାନେ।

ଟିଟିପିଏସ୍‌କୁ ବନ୍ଦ କରା ନ ଯାଇ ଏହାର ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦାବିରେ ସୋମବାର ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ କମିଟି ପକ୍ଷରୁ ଏକ ଶୋଭାଯାତ୍ରା ଦେଉଳବେଡାଠାରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏଥିରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ସାମିଲ ଥିଲେ। କମିଟି ପକ୍ଷରୁ କୁହାଯାଇଛି, ଟିଟିପିଏସ୍ ବନ୍ଦ ହୋଇଗଲେ ୧୫୦୦ରୁ ଊର୍ଦ୍ଧ୍ୱ ଠିକାଶ୍ରମିକ ଏବଂ ଏହା ଉପରେ ନିର୍ଭର କରୁଥିବା ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ତେଣୁ ନୂତନ ଥର୍ମାଲ ପ୍ଲାଣ୍ଟ ସ୍ଥାପନ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରି ପୁରୁଣା ପ୍ଲାଣ୍ଟ ବନ୍ଦ ବିଷୟରେ ଚିନ୍ତା କରାଯାଉ ବୋଲି କମିଟି ପକ୍ଷରୁ ଦାବି ହୋଇଛି। ସେହିପରି ଏମ୍‌ପି ସାହୁ କହିଥିଲେ, ଏନ୍‌ଟିପିସି କର୍ତ୍ତୃପକ୍ଷ ଲାଭରେ ଚାଲୁଥିବା ଥର୍ମାଲ୍‌କୁ ବନ୍ଦ କରିବା ପାଇଁ ଅଗ୍ରସର ହୁଅନ୍ତି ତେବେ ଏଥିପାଇଁ ଅନେକ ସଂସ୍ଥା ବନ୍ଦ ହେବ। ତାଳଚେରରେ ଅର୍ଥନୈତିକ ଅବରାଧ ଆନ୍ଦୋଳନ କରାଯିବା ସହ ତାଳଚରେରୁ ଖଣ୍ଡିଏ ବି କୋଇଲା ବାହାରକୁ ପରିବହନ ହୋଇ ପାରିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ପରେ କମିଟି ପକ୍ଷରୁ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କମିଟି ସଭାପତି ଛବି ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, କେଶବ ଭୂତିଆ, ବଜରଙ୍ଗ ଅଗ୍ରୱାଲା, ଅରୁଣ ଶଙ୍କର ମିଶ୍ର, ଶିଳ୍ପାଞ୍ଚଳ ଶ୍ରମିକ ସଂଘ ସଭାପତି ଇଂ ମନୋଜ ପ୍ରଧାନ, ପୂର୍ବତନ ନଗରପାଳ ପବିତ୍ର ଭୂତିଆ, ଗଦାଧର ସାହୁଙ୍କ ସମେତ ତାଳଚେର ସହର, ଥର୍ମାଲ, କଣିହାଁ, ଡେରା, ବଲଣ୍ଡାର ବହୁ ଶ୍ରମିକ ଯୋଗ ଦେଇଥିଲେ। ଅନ୍ୟପଟେ ଆସନ୍ତା ମାର୍ଚ୍ଚ ୪ରେ ଏକ ବାଇକ ରାଲି ତାଳଚେରରୁ ବାହାରି ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବ। ଏ ନେଇ ଅବଗତ କରାଇବା ସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

